ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଫେବୃଆରୀ ୧୬ରେ ସରିବ ହସ୍ତଶିଳ୍ପ ମେଳା
# ଜନତା ମଇଦାନରେ ହସ୍ତଶିଳ୍ପ ପ୍ରଦର୍ଶନୀ
# ମାଟିକଣ୍ଢେଇ ଲୋକଙ୍କ ମନମୋହୁଛି

ଭୁବନେଶ୍ୱର, ୧୫/୦୨/୨୦୨୦

ସ୍ଥାନୀୟ ଜନତା ମଇଦାନଠାରେ ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳାରେ ଲୋକମାନଙ୍କ ଭିଡ଼ ଜମୁଛି । ମାଟିକଣ୍ଢେଇ, ମାଟିରେ ତିଆରି ସାମଗ୍ରୀ ସହ ସାଜସଜ୍ଜା ସାମଗ୍ରୀ ପ୍ରତି ଲୋକମାନେ ଅଧିକ ଆକୃଷ୍ଟ ହେଉଛନ୍ତି ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମାଧ୍ୟମରେ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀରେ ୨୩ଟି ଜିଲ୍ଲାର ହସ୍ତଶିଳ୍ପ କାରିଗର ଯୋଗଦାନ କରିଛନ୍ତି । ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ଯଥା ଶିଙ୍ଗ, ବାଉଁଶ, ପିତ୍ତଳ, ମାଟି, ଚାନ୍ଦୁଆ ଆଦିରେ ପ୍ରସ୍ତୁତ ଆକର୍ଷଣୀୟ ହସ୍ତଶିଳ୍ପ ପ୍ରଦର୍ଶନ ଓ ବିକ୍ରୟ ହେଉଛି । ଆକର୍ଷଣୀୟ ମାଟିକଣ୍ଢେଇ, ପଥରବାସନ ଓ ଅନ୍ୟାନ୍ୟ କାରୁକାର୍ଯ୍ୟ ଓ ଘରସଜ୍ଜା ସାମଗ୍ରୀ ଷ୍ଟଲ୍‌ରେ ଲୋକମାନଙ୍କ ଭିଡ଼ ଜମିଛି । ଏହି ପ୍ରଦର୍ଶନୀରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ୫୦ଟି ହସ୍ତଶିଳ୍ପ ମଧ୍ୟରୁ ୨୮ଟି ହସ୍ତଶିଳ୍ପର ପ୍ରଦର୍ଶନ ଓ ବିକ୍ରୟ ହେଉଛି ।

ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଫେବୃଆରୀ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ହସ୍ତଶିଳ୍ପ ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ବଜାର ମଧ୍ୟ ଖୋଲାଯାଇଛି । ଏହା ସଙ୍ଗେ ସଙ୍ଗେ ଓଡ଼ିଶାର ପ୍ରସିଦ୍ଧ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଛି ।

ଡକ୍ଟର ଜ୍ୟୋତିର୍ମୟୀ ସାମନ୍ତରାୟ
ସୂଚନା ଅଧିକାରୀ